# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 September – 2026

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରନୀତିରେ ସେବା ଭାବନା ସାମିଲ ହେଲେ ଦେଶର ପ୍ରଗତି ଅଧିକ ତ୍ୱରାନ୍ୱିତ ହୋଇଥାଏ, କହିଲେ ପ୍ରଧାନମନ୍ତ୍ରୀ

- ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଧାନସଭା ମୁଲତବୀ

–ବନ୍ୟା ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ସମନ୍ୱିତ ଯୋଜନା କାର୍ଯ୍ୟକାରୀ କରୁଥିବା ନେଇ ଗୃହରେ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

- ପର୍ଯ୍ୟଟନ ଓ ସାମଗ୍ରିକ ଅର୍ଥନୀତିକୁ ନୂତନ ଗତି ଦେବା ପାଇଁ ପୁରୀରେ ନିର୍ମାଣ ହେବ ଅତ୍ୟାଧୁନିକ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ

ଏବଂ

- ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିରହିଛି ବର୍ଷା

– ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୩ଟି ଜିଲ୍ଲାକୁ ସତର୍କ ସୂଚନା

# ପିଏମ୍-ସେବାଯାତ୍ରୀ

ରାଷ୍ଟ୍ର ନୀତିରେ ସେବା ଭାବନା  ସାମିଲ ହେଲେ ଦେଶର ପ୍ରଗତି କ୍ଷେତ୍ରରେ ଅଧିକ ପ୍ରୋତ୍ସାହନ ମିଳିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଭାଉନଗରରୁ ବାରାଣାସୀ ପର୍ଯ୍ୟନ୍ତ ଯାତ୍ରା କରୁଥିବା ସେବାଯାତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରି ଶ୍ରୀ ମୋଦି କହିଛନ୍ତି ଜୀବନରେ ସେବା ପରମ ଧର୍ମ ଭାବନା ନେଇ ଆଗକୁ ବଢ଼ିବାକୁ ହେବ ।  ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣରେ ଯୁବପିଢ଼ୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଜିର ଯୁବପିଢ଼ୀ ବିକଶିତ ଭାରତର ନିର୍ମାତା ଏବଂ ଏହାର ପ୍ରକୃତ ସୁଫଳ ସେମାନେ ହିଁ ପାଇବେ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

**V/O**

ସେବାକୁ ସବୁଠାରୁ ବଡ ପ୍ରେରଣାଦାୟକ ଶକ୍ତିଭାବେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ପିଏମ୍ କିଶାନ କିମ୍ବା ପିଏମ୍ ସୂର୍ଯ୍ୟଘର ଯୋଜନା ତୃଣମୂଳକସ୍ତରରେ ପହଞ୍ଚିବାରେ ସଫଳ ହୋଇପାରିଛି । ସେବା ମନୋଭାବ ଦ୍ୱାରା ହିଁ ୪କୋଟି ଗରିବ ଲୋକଙ୍କ ପାଇଁ ସ୍ଥାୟୀ ଘର ନିର୍ମାଣ ହୋଇପାରିଛି ।

# ବିଧାନସଭା-୧

ସପ୍ତଦଶ ବିଧାନସଭା ମୌସୁମୀ ଅଧିବେଶନର ଆଜି ତୃତୀୟ ଦିବସରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ସଦସ୍ୟମାନେ ଗୃହରେ ଅଚଳାବସ୍ଥା ସୃଷ୍ଟି କରିଥିଲେ । ସ୍ଥିତିରେ ସୁଧାର ନ ଆସିବାରୁ ଉପବାଚସ୍ପତି ଭବାନୀଶଙ୍କର ଭୋଇ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

ପୂର୍ବାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ । ହଟ୍ଟଗୋଳ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ ୨ଟି ତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ରଖିଥିଲେ ।

# ବିଧାନସଭା-୨

ରାଜ୍ୟରେ ବନ୍ୟା ନିୟନ୍ତ୍ରଣ କରିବା ପାଇଁ ସରକାର ସାମଗ୍ରିକ ବନ୍ୟା ପରିଚାଳନା ନାମରେ ଏକ ସମନ୍ୱିତ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ସଦସ୍ୟ ଧ୍ରୁବଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନା ଅଧୀନରେ ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ

କରାଯିବ । ନଦୀବନ୍ଧର ସୁଦୃଢ଼ୀକରଣ, ସୁରକ୍ଷା, ନଦୀବନ୍ଧର ପୁନଃ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି ।

## ବିଧାନସଭା-୪

ପର୍ଯ୍ୟଟନ ଓ ସାମୁଦ୍ରିକ ଅର୍ଥନୀତିକୁ ନୂଆ ଗତି ଦେବା ପାଇଁ ରାଜ୍ୟ ସରକାର ପୁରୀରେ ଅତ୍ୟାଧୁନିକ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ କରିବେ । ଏ ନେଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଓଡ଼ିଶା ମାରିଟାଇମ୍ ବୋର୍ଡ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ୨୦୨୮ ମସିହା ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରକଳ୍ପଟି ପୁରୀ ଜିଲ୍ଲାର ଶିପ ସରୁବାଲିଠାରେ ଥିବା ଧଉଣ୍ଡିଆ ନଦୀ ମୁହାଣ ନିକଟରେ ଚିହ୍ନଟ ହୋଇଥିବା ପ୍ରାୟ ୬୦ ଏକର ଜମିରେ ପ୍ରତିଷ୍ଠା କରାଯିବ । କ୍ରୁଜ୍ ଟର୍ମିନାଲର ଯୋଜନାବଦ୍ଧ ବିକାଶ ଓ କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟ ପରିଚାଳନା ଅଧିକାରୀ ଓଡ଼ିଶା ମାରିଟାଇମ୍ ବୋର୍ଡଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ପାଇଁ ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ଗୃହକୁ ଅବଗତ କରାଇଛନ୍ତି ।

## ବିଧାନସଭା-୩

କେନ୍ଦ୍ର ସରକାରଙ୍କ ଉଡାଣ ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର- ଅମର୍ଦ୍ଦା ରୋଡ୍‌ରେ ଏକ ବିମାନ ବନ୍ଦର ପ୍ରତିଷ୍ଠା

କରାଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । କେନ୍ଦ୍ର ସରକାର ଏହି ଏୟାରଷ୍ଟ୍ରିପ୍‌କୁ ବିମାନ ବନ୍ଦରରେ ପରିଣତ କରିବା ପାଇଁ ମଂଜୁରୀ ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି । ଚଳିତ ବଜେଟ୍‌ରେ ଏହି ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପାଇଁ ଅର୍ଥ ବରାଦ କରାଯାଇଛି । ରାଜ୍ୟ ସରକାର ଏ ସଂପର୍କରେ କେନ୍ଦ୍ର ସରକାରଙ୍କ ସହିତ କଥାବାର୍ତ୍ତା କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

## ବିଧାନସଭା-୫

ରାଜ୍ୟରେ ୨୦୨୬-୨୭ ଆର୍ଥିକବର୍ଷର ଚଳିତ ମାସ ୧୫ ତାରିଖ ସୁଦ୍ଧା ଖଣିରୁ ୨୧ ହଜାର ୫୮୬ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହରେ ଉତ୍ତର ରଖିଛନ୍ତି । ସଦସ୍ୟ ସାରଦା ପ୍ରସନ୍ନ ଜେନାଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ୨୦୨୩-୨୪ ଆର୍ଥିକବର୍ଷରେ ୪୬ ହଜାର ୩୯୬ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା । ଏମ୍‌ଏମ୍‌ଡିଆର ଆଇନ ୨୦୨୬ର ସଂଶୋଧନ ଫଳରେ ୨୦୦୫ରୁ ୨୦୨୪ ମଧ୍ୟରେ ଆଦାୟ ହୋଇଥିବା କୌଣସି ଖଣି ଟିକସ ବକେୟା ବା ବାର୍ଷିକ ରାଜସ୍ୱ କ୍ଷତିର ପରିମାଣ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପର୍ଯ୍ୟାୟରେ ଆକଳନ କରାଯାଇ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

## ବିଧାନସଭା-୫

ରାଜ୍ୟରେ ୨୦୨୬-୨୭ ୧୫ ତାରିଖ ସୁଦ୍ଧା ଖଣିରୁ ୨୧ ହଜାର ୫୮୬ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହରେ ଉତ୍ତର ରଖିଛନ୍ତି । ସଦସ୍ୟ ସାରଦା ପ୍ରସନ୍ନ ଜେନାଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ୨୦୨୩-୨୪ ଆର୍ଥିକବର୍ଷରେ ୪୬ ହଜାର ୩୯୬ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା । ଏମ୍‌ଏମ୍‌ଡିଆର ଆଇନ ୨୦୨୬ର ସଂଶୋଧନ ଫଳରେ ୨୦୦୫ରୁ ୨୦୨୪ ମଧ୍ୟରେ ଆଦାୟ ହୋଇଥିବା କୌଣସି ଖଣି ଟିକସ ବକେୟା ବା ବାର୍ଷିକ ରାଜସ୍ୱ କ୍ଷତିର ପରିମାଣ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପର୍ଯ୍ୟାୟରେ ଆକଳନ କରାଯାଇ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

## ପାଣିପାଗ-ବର୍ଷା

ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍‌ରେ ଗତକାଲି ବିଳମ୍ବିତ ରାତିରେ ସ୍ଥଳଭାଗ ଅତିକ୍ରମ କରିଛି । ଗଭୀର ଅବପାତ ରାୟଗଡ଼ାଠାରୁ ୮୦ କିଲୋମିଟର ଦୂରରେ ରହିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ କଳାହାଣ୍ଡି,

ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି  ନୂଆପଡା, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ମଧ୍ଯ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଲଗାଣ ବର୍ଷା ଯୋଗୁଁ ଉପର ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଅଞ୍ଚଳରେ ୪୫ ଦଶମିକ ୬ ମିଲିମିଟର ବର୍ଷା ହୋଇଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡ୍‌ରେ ୪୦୬ ଦଶମିକ ୫୮୩ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ୩୪୨ ଦଶମିକ ୨୦୮ ଘନମିଟର ଜଳ ନିଷ୍କାସିତ ହେଉଛି ।

କନ୍ଧମାଳ ଜିଲ୍ଲାରେ ଲଗାଣ ବର୍ଷା ପ୍ରଭାବରେ ୬୩ ଜଣ ଗର୍ଭବତୀ ମହିଳାଙ୍କୁ ମା’ ଘରେ ଆଶ୍ରୟ ଦିଆଯାଇଛି ।  ୧୫୭ ନମ୍ବର ଜାତୀୟ ରାଜପଥ କଳିଙ୍ଗା ଘାଟିରେ ମାଟିଅତଡ଼ା ଖସି ଯାତାୟାତ ବାଧାପ୍ରାପ୍ତ ହୋଇଛି ।

ଗଞ୍ଜାମ ଜିଲ୍ଲାରେ ୩୩୮ ଜଣ ଗର୍ଭବତୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।

ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାର ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି-୯୦, ଏମ୍‌ଭି-୯୬ ଓ କାଲିମେଳା କନ୍ୟାଶ୍ରମ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଭାବିତ ଜିଲ୍ଲାରେ ସ୍କୁଲ ଛୁଟି ଅବଧି ବଢ଼ିପାରେ ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

## ବିଧାନସଭା-୭

ଚଳିତବର୍ଷ ବନ୍ୟାରେ ରାଜ୍ୟର ୨୬ଟି ଜିଲ୍ଲାର ୩୭ ଲକ୍ଷ ୪୩ ହଜାର ୯୪୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ବନ୍ୟାରେ ୭ ଜଣଙ୍କ ଜୀବନହାନି ହୋଇଛି । ଏଥିସହ ୯୩ଟି ଗୃହପାଳିତ ପଶୁ, ୨ ଲକ୍ଷ ୧୨ ହଜାର ୫୩୩ ହେକ୍ଟର ଫସଲ ଓ ୧୮ ହଜାର ୬୭ଟି ବାସଗୃହ କ୍ଷୟକ୍ଷତି ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଛନ୍ତି । ବ୍ୟକ୍ତିଗତ ସମ୍ପତ୍ତି କ୍ଷୟକ୍ଷତିର ଭରଣା ପାଇଁ ୨୩୪ କୋଟି ୮୪ ଲକ୍ଷ ୮୬ ହଜାର ଟଙ୍କା ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

## ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି। ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ

ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ ଲକ୍ଷପତି ଦିଦି ସମ୍ପର୍କରେ...

ଗ୍ରାମାଞ୍ଚଳର ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ଲକ୍ଷପତି ଦିଦି ଯୋଜନା ଅଧୀନରେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ବ୍ୟବସାୟ ଆରମ୍ଭ ତଥା ଅଧିକ ପ୍ରସାର ପାଇଁ ସ୍ୱଳ୍ପ ସୁଧରେ ଓଡ଼ିଶାରେ ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ଏହି ଯୋଜନା ଅଧିକ ପ୍ରଭାବଶାଳୀ ହୋଇପାରିଛି । ଦେବଗଡ଼ ଜିଲ୍ଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକରେ ଅନେକ ଗ୍ରାମୀଣ ମହିଳା ଏହି ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି । ଯୋଜନା ସଂପର୍କରେ ଜିଲ୍ଲାର ଲକ୍ଷପତି ଦିଦି ସସ୍ମିତା ସାହୁ ପ୍ରତିକ୍ରିୟାରେ କହିଛନ୍ତି:

- V/O -

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସାବରଙ୍ଗ ହାଇସ୍କୁଲ୍‌ରେ କିଶୋର ନ୍ୟାୟ ଆଇନ, ଶିଶୁ ସୁରକ୍ଷା ପୋକ୍ସ ଆଇନ ଓ ପୀଡ଼ିତା କ୍ଷତିପୂରଣ ଯୋଜନା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁଙ୍କ ସୁରକ୍ଷା ନେଇ ଏକ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା ।

## ଖାଦ୍ୟ ଯାଞ୍ଚ

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଦଳେଇଗୁଡ଼ା ଏସ୍‌ଏସ୍‌ଡି ଉଚ୍ଚବିଦ୍ୟାଳୟକୁ ଆଜି ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ପରିଦର୍ଶନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟରେ ଉପଲବ୍ଧ ଚାଉଳ, ପନିପରିବା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ସ୍ଥିତି ଯାଞ୍ଚ କରିଥିଲେ ।